# ବାଙ୍ଗରାରେ ନିର୍ମାଣ ହେବ ପାସେଞ୍ଜର ହଲ୍ଟ

## ନିର୍ମାଣ ନେଇ ଆରମ୍ଭ ହେଲା ଗ୍ରାଉଣ୍ଡ ଜିରୋ ସର୍ଭେ

ବାଲେଶ୍ୱର, ୧୯।୩ (ସମିସ):

ବାଲେଶ୍ୱର ସହର ଉପକଣ୍ଠସ୍ଥ କୁରୁଡ଼ା ନିକଟବର୍ତ୍ତୀ ବାଙ୍ଗରା ଲେଭେଲ କ୍ରସିଂଠାରୁ ତିନିଶହ ମିଟର ଦୂରରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମଙ୍ଗଳବାର ଦିନ ମଧ୍ୟାହ୍ନରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାଉଣ୍ଡ ଜିରୋରେ ସର୍ଭେ କାମ ଆରମ୍ଭ ହୋଇଛି। ୨୦୧୮ ମସିହାରେ ସାମାଜିକ ନ୍ୟାୟ ଅଧିକାର ମଞ୍ଚର ସଭାପତି ବିଧାନ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ସ୍ଥାନରେ ପାସେଞ୍ଜର ହଲ୍ଟ ନିର୍ମାଣ ଏବଂ ବାଙ୍ଗରା ଲେଭେଲ କ୍ରସିଂରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ, ସତ୍ୟାଗ୍ରହ କରାଯାଇଥିଲା। ମାର୍ଚ୍ଚ ୧୪ତାରିଖରେ ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳରୋକ କରିବାକୁ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଗତ ତେର ତାରିଖରେ କମିଟିର ସଦସ୍ୟମାନେ ଡିଆରଏମଙ୍କ ସହ ଖଡ଼ଗପୁରରେ ଆଲୋଚନା କରିଥିଲେ। ରେଳ ଷ୍ଟେସନ ନିର୍ମାଣ ଲାଗି ଡିଆରଏମଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱରରେ ଅବସ୍ଥାପିତ ରେଳବାଇର ରେଳବାଇ ୱାର୍କସର ବରିଷ୍ଠ ସେକ୍ସନ ଇଞ୍ଜିନିୟର ରାଜେନ୍ଦ୍ର କୁମାର ପଞ୍ଝିଆରା, ଡିଟିଆଇ ଏସକେ ମହାକୁଡ଼, କମରସିଆଲ ଇନ୍ସପେକ୍ଟର ଏସ ସାହା, ସିନିୟର ସେକ୍ସନାଲ ଇଲେକଟ୍ରିକାଲ ଇଞ୍ଜିନିୟର ଅର୍ଜୁନ ମିଞ୍ଜି ପ୍ରମୁଖ ପାସେଞ୍ଜର ହଲ୍ଟ କେଉଁ ସ୍ଥାନରେ ନିର୍ମାଣ କରାଗଲେ ଯାତ୍ରୀ ଓ ରେଳବାଇକୁ ସୁବିଧା ହେବ ସେ ନେଇ ମାପଚୁପ କରିଥିଲେ। ଏଥିପାଇଁ ଲୁପ ଲାଇନର ଆବଶ୍ୟକତା ଅଛି ବୋଲି ଜଣା ପଡ଼ିଛି। ପ୍ରଥମ ପର୍ଯ୍ୟାୟ ରେ ଚାରିଶହ ମିଟର ଦେର୍ଘ୍ୟର ରେଳ ଷ୍ଟେସନ ଓ ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମାପ ଚୁପ ପରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯିବ। ବାଙ୍ଗରା, କୁରୁଡ଼ା ହରିଡ଼ା, ସାଉଁ, ଗେଙ୍ଗୁଟି ଆଦି ଚାଳିଶରୁ ଅଧିକ ଗ୍ରାମବାସୀ, ପାଖରେ ଥିବା ଶିଳ୍ପାଞ୍ଚଳର ଶ୍ରମିକ, କର୍ମଚାରୀ ଓ ପାଞ୍ଚୋଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହା ଦ୍ୱାରା ଉପକୃତ ହେବେ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ବିଧାନ ଚନ୍ଦ୍ର ଜେନା କହିଛନ୍ତି। ଆଜି ସର୍ଭେ ସମୟରେ କମିଟିର ସଭାପତି ସତ୍ୟ ନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ନାୟକ, ନିରଞ୍ଜନ ଦାସ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ ଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ। ସର୍ଭେ କରିବାକୁ ଆସିଥିବା ରେଳବାଇ ଅଧିକାରୀ ମାନଙ୍କୁ ଗ୍ରାମବାସୀ ଓ କମିଟି ପକ୍ଷରୁ ସ୍ୱାଗତ କରାଯାଇ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଅଧିକାରୀ ମାନେ ମଧ ପ୍ରତିଦିନ କେତେ ଯାତ୍ରୀ ରେଳ ଯାତ୍ରା କରିବେ ଓ ଟିକଟ କିଣିବେକି ନାହିଁ ତାଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ମାନେ ବାଙ୍ଗରା ରେ ପାସେଞ୍ଜର ହଲ୍ଟ ନିର୍ମାଣ ହେବାକୁ ନେଇ ଆଶବାଦୀ ଥିବାବେଳେ ହଲ୍ଟ ନିର୍ମାଣ ହେଲେ ଟ୍ରେନରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନେ ସହଜରେ ଯାତାୟାତ କରିପାରିବେ ବୋଲି କହିଛନ୍ତି।



# ସୁଜିତ ପାତ୍ରଙ୍କୁ ଜିଲ୍ଲା କ୍ରୀଡ଼ା ସଂଘର ଅଭିନନ୍ଦନ



ବାଲେଶ୍ୱର, ୧୯।୩(ସମିସ): ମହାରାଷ୍ଟ୍ରର ଅହମ୍ମଦନଗରଠାରେ ଚଳିତ ମାସ ୧୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୭୦ତମ ଜାତୀୟ ପୁରୁଷ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ଓଡ଼ିଶାର ପୁରୁଷ କବାଡି ଖେଳାଳିଙ୍କ ସହିତ ବାଲେଶ୍ୱର ଜିଲ୍ଲା କ୍ରୀଡା ସଂଘରୁ ପ୍ରତିନିଧିତ୍ୱ କରୁଥିବା ସୁଜିତ ପାତ୍ର ଚଳିତ ମାସ ୧୮ ତାରିଖ ମହାରାଷ୍ଟ୍ରର ଅହମ୍ମଦନଗର ଗସ୍ତ କରିଛନ୍ତି। ବାଲେଶ୍ୱର ଜିଲ୍ଲା ପାଇଁ ବହୁବାର ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କରି ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ସଂଘା କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସାଧାରଣ ସମ୍ପାଦକ ଅଧୀପ ଦାସ, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ଜଗଦିଶ ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ(କବାଡି) କାର୍ତ୍ତିକ ଚନ୍ଦ୍ର ନାୟକ, ବିରେନ୍ଦ କୁମାର ସ୍ୱାଇଁ, ଜନ୍ମେଜୟ ଦେ, ଅଜିତ ପାତ୍ର, ସଞ୍ଜୟ ଲେଙ୍କା, ପ୍ରଦୀପ ଦାସ, ସୁଜୟ ଆଚାର୍ଯ୍ୟଙ୍କ ସହିତ କ୍ରୀଡା ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ତାଙ୍କର ଉଜ୍ଜଳ ଭବିଷ୍ୟତ କମାନା କରିବା ସହ ଓଡ଼ିଶା ଦଳ ବିଜୟ ଲାଭ କରୁ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଶୁଭେଚ୍ଛା ଜଣାଇଛନ୍ତି।

# ବାଲେଶ୍ୱର ନାରୀ ସଂଘରୁ ଅନ୍ତେବାସୀ ନିଖୋଜ ଅଭିଯୋଗ

ବାଲେଶ୍ୱର, ୧୯।୩(ସମିସ): ବାଲେଶ୍ୱର ନାରୀ ସଂଘରୁ ପୁଣି ଜଣେ ଅନ୍ତେବାସିନୀ ନିଖୋଜ ହୋଇଛନ୍ତି। ଗତ କିଛି ଦିନ ତଳେ ଏହିଭଳି ଅନ୍ୟ ଜଣେ ଅନ୍ତେବାସିନୀ ପଳାଇ ଯାଇଛନ୍ତି। ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଅନ୍ତେବାସିନୀଙ୍କ ପତ୍ତା ମିଳି ନଥିଲା ବେଳେ ପୁଣି ଜଣେ ଅନ୍ତେବାସିନୀ ନିଖୋଜ ହେଇଯିବା ନେଇ ନାରୀ ସଂଘରେ ରହୁଥିବା ମହିଳା ମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ତେବେ ଗତ ସୋମବାର ଦିନ ନାରୀସଂଘରୁ ନିଖୋଜ ହୋଇଥିବା ଅନ୍ତେବାସିନୀର ବାପାଙ୍କ ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରାଯାଇ ଥିଲାବେଳେ ନାରୀସଙ୍ଘ ଜାଗୃତି ଗୃହର ସୁପରିଟେଣ୍ଡେଣ୍ଟ ପକ୍ଷରୁ ମଧ ସମ୍ପୃକ୍ତ ଥାନାରେ ଅନ୍ତେବାସିନୀ ନିଖୋଜ ହେଇଯାଇ ଥିବାର ଏତଲା ଦିଆଯାଇଛି। ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅନ୍ତର୍ଗତ ପିଠାହତା ଅଞ୍ଚଳର ନାବାଳିକାକୁ ସ୍ଥାନୀୟ ଅଞ୍ଚଳର ଜନୈକ ଯୁବକ ବଳପୂର୍ବକ ଘରୁ ଉଠାଇ ନେଇ ବିବାହ କରିଥିଲା। ଏ ବାବଦରେ ବରହମପୁର ଥାନା ପୁଲିସ ଅଭିଯୋଗ ପାଇ ନାବାଳିକାଙ୍କୁ ଗତ ୧୫ ତାରିଖରେ ଉଦ୍ଧାର କରିଆଣି ବାଲେଶ୍ୱର ନାରୀସଂଘରେ ରଖିଥିଲେ। ମଙ୍ଗଳବାର ଦିନ ସେହି ନାବାଳିକାର ବାପା ଓ ମା ଝିଅକୁ ଦେଖା କରିବା ପାଇଁ ନାରୀସଙ୍ଘକୁ ଆସିଥିଲେ। ମାତ୍ର ନାରିସଂଘର କର୍ମଚାରୀ ମାନେ ତୁମ ଝିଅ ଗତ ସୋମବାର ସନ୍ଧ୍ୟା ସାଢେ ଛଅଟାରୁ କୁଆଡେ ପଳାଇ ଯାଇଛି ବୋଲି କହିଥିଲେ। ତେବେ ନାବାଳିକା ନାରୀସଂଘରୁ ଗତ ସୋମବାର ଦିନ ନିଖୋଜ ହୋଇଥିଲା ବେଳେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନାବାଳିକାର ବାପା ଓ ମା'ଙ୍କୁ କାହିଁକି ଜଣାଇଲେନି ବୋଲି ନାବାଳିକାର ବାପାଙ୍କ ତରଫରୁ ସହଦେବଖୁଣ୍ଟା ଥାନାରେ ଏତଲା ଦିଆଯାଇଛି। ଉକ୍ତ ଏତଲାରେ ନାବାଳିକାକୁ ଟଙ୍କା ପାଇଁ ନାରୀସଙ୍ଘର କର୍ମଚାରୀମାନେ ବିକ୍ରିକରି ଥିବାର ଉଲ୍ଲେଖ କରାଯାଇ ତଦନ୍ତ ପାଇଁ ଝିଅର ବାପା ନିବେଦନ କରିଛନ୍ତି। ଅପରପକ୍ଷରେ ନାରୀସଂଘ ଜାଗୃତି ଗୃହର ସୁପରିଣ୍ଟେଣ୍ଡେଣ୍ଟ ମଞ୍ଜୁଲତା ମହାପାତ୍ର ନାବାଳିକା ନିଖୋଜ ହେଇଯାଇଥିବାର ଗତ ସୋମବାର ଦିନ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିବା ଜଣାଯାଇଛି।

# ଜିଲ୍ଲା ବ୍ରାହ୍ମଣ ସମିତିର ସ୍ୱତନ୍ତ୍ର ବୈଠକ



ବାଲେଶ୍ୱର, ୧୯।୩(ସମିସ): ଜିଲ୍ଲା ବ୍ରାହ୍ମଣ ସମିତିର ଏକ ସ୍ୱତନ୍ତ୍ର ବୈଠକ ଦାମୋଦରପୁର ସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଡ. କ୍ଷିତିଶ୍ୱର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ବେଦପାଠ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଦର ବିଧାୟକ ସ୍ୱରୂପ କୁମାର ଦାସ ସମିତିକୁ ପ୍ରଦାନ କରିଥିବା ୨ଲକ୍ଷ ଟଙ୍କା ସରକାରୀ ଅନୁଦାନ ଅର୍ଥରେ ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ଗୃହ ନିର୍ମାଣ ଦିଗରେ ବିନିଯୋଗ ହେଉଥିବାରୁ ବୈଠକରେ ଖୁସିବ୍ୟକ୍ତ କରାଯାଇଥିଲା। ପରେ ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ବିବରଣୀ ପାଠ କରିଥିଲେ। ସମିତିର ସଭାପତି ଡ. ଶ୍ରୀଶ କୁମାର ଦାଶ ଏହି ଶତାୟୁ ଅନୁଷ୍ଠାନର ଗୌରବମୟ ଐତିହ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି ଉକ୍ତ ବେଦ ବିଦ୍ୟାଳୟର ପୁନଃ କାର୍ଯ୍ୟକ୍ଷମ ହେବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରି ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ବୈଠକରେ ପାଠ କରାଯାଇଥିଲା। ବିଧାୟକଙ୍କ ସରକାରୀ ଅନୁଦାନ ପାଣ୍ଠିରେ ସମିତିଦ୍ୱାରା ନିର୍ମାଣ ହୋଇଥିବା ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ନିର୍ମାଣାଧୀନ ଗୃହକୁ ବୈଠକରେ ଉପସ୍ଥିତ ସଦସ୍ୟମାନେ ବୁଲି ଦେଖିଥିଲେ। ଏହା ବ୍ୟତୀତ ବିଧାୟକ ଶ୍ରୀ ଦାସ ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ନିର୍ମାଣ ବାବଦକୁ ଦ୍ୱିତୀୟ ପର୍ଯ୍ୟାୟରେ ପୁନରବାର ୩ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ମଞ୍ଜୁର କରିଥିବାରୁ ସାଧାରଣ ସମ୍ପାଦକ ଶ୍ରୀ ଦାଶ ବୈଠକରେ ସୂଚନା ପ୍ରଦାନ କରିଥିଲେ। ସେଥିପାଇଁ ବୈଠକ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ସଦର ବିଧାୟକଙ୍କୁ ବ୍ରାହ୍ମଣ ସମାଜ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ଏହି ଅବସରରେ ସମିତିକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାପ୍ତ ହେବାକୁ ଥିବା ସରକାରୀ ଅର୍ଥର ବିନିଯୋଗ କାର୍ଯ୍ୟ ତଦାରଖ ଓ ପରିଚାଳନା ପାଇଁ ସମିତି ଦ୍ୱାରା ବୈଠକରେ ଏକ ନିର୍ମାଣ କମିଟି ଗଠନ କରାଯାଇଛି। ଡ. ଗୌରସାଧନ ମିଶ୍ର ଉକ୍ତ ସରକାରୀ ଅର୍ଥ ମଞ୍ଜୁରୀ ଦିଗରେ ବିଧାୟକଙ୍କ ସହିତ ଯୋଗାଯୋଗ କରି ବିଦ୍ୟାଳୟ ନିର୍ମାଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ ବୈଠକରେ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମପଦ ମିଶ୍ର, ରମାକାନ୍ତ ଦୀକ୍ଷିତ, ଗଣେଶ୍ୱର ପଣ୍ଡା, ଶାନ୍ତିସ୍ୱରୂପ ମିଶ୍ର, ବୀରେନ୍ଦ୍ର କୁମାର କର, କ୍ଷିତୀଶ ଚନ୍ଦ୍ର ପଣ୍ଡା, ଭଗବାନ ଆଚାର୍ଯ୍ୟ, ଅଶୋକ କୁମାର ତ୍ରିପାଠୀ, ଚନ୍ଦ୍ରାଂଶୁ ବାନାର୍ଜୀ, ନିରାକାର ଦାଶ, ପୁଣ୍ୟଶ୍ଳୋକ ନନ୍ଦ, ଡ. ଯଦୁନାଥ ମିଶ୍ର ଓ ମାନସ କର ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଧର୍ମବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖାର ଧନ୍ୟବାଦ



ବାଲେଶ୍ୱର, ୧୯।୩(ସମିସ): ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ଯାଦବ ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ମୂଲ୍ୟବାନ ଜମି ପ୍ରଦାନ କରିଥିବାରୁ ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଯାଦବ ଭବନ ନିର୍ମାଣ ହେଲେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟରେ ରାଜଧାନୀ ଭୁବନେଶ୍ୱରକୁ ଆସୁଥିବା ଯାଦବ ପରିବାରର ଲୋକମାନେ ଏହି ଭବନକୁ ବ୍ୟବହାର କରିପାରିବେ। ଏଥିପାଇଁ ଉତ୍କଳ ଯାଦବ ମହାସଭାର ରାଜ୍ୟ ନେତୃତ୍ୱ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ମୂଳକ ଏକ ସ୍ମାରକପତ୍ର ବାଲେଶ୍ୱର ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ମହାସଭାର ଉପଦେଷ୍ଟା ମନୋଜ କୁମାର ଦାସ, ସଭାପତି କାର୍ତ୍ତିକ ବେହେରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ବାରିକ, ସାଧାରଣ ସମ୍ପାଦକ ସୁଶୋଭନ ବାରିକ, ସାଂଗଠନିକ ସମ୍ପାଦକ ଶିତଲ ପ୍ରସାଦ ଯାଦବ, ପୂର୍ଣ୍ଣଚନ୍ଦ୍ର ଦାସ, ନଳିନୀ ରଞ୍ଜନ ଦାସ, ଶଶିକାନ୍ତ ବାରିକ, ସୌମ୍ୟ ରଞ୍ଜନ ଯାଦବ, ଜୟହିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

● ରାସ୍ତା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ

# ନିର୍ବାହୀଯନ୍ତ୍ରୀଙ୍କୁ ଭେଟିଲେ କଷାଫଳ ପଞ୍ଚାୟତବାସୀ



ବାଲେଶ୍ୱର, ୧୯ ।୩(ସମିସ): ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ଠିକ ପୂର୍ବରୁ ଉଦଘାଟନ ପରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତା ଅସମ୍ପୂର୍ଣ୍ଣ ହୋଇ ରହିଯିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ଅଧିବାସୀ। ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ନିର୍ବାହୀ ଯନ୍ତ୍ରୀ ଇଂ. ତପନ କୁମାର ବେହେରାଙ୍କୁ ସାକ୍ଷାତ ସହ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, କଷାଫଳ ପଞ୍ଚାୟତର ଜନସାଧାରଣଙ୍କ ଦୀର୍ଘ ଦିନର ଦାବି କ୍ରମେ ଦତ ଘର ମୁଖ୍ୟ ରାସ୍ତା ଠାରୁ ଗୌରାଙ୍ଗ ଦଳେଇ ଘର ଦେଇ ସାରଙ୍ଗଦେବ ମନ୍ଦିର ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଗତ ଡିସେମ୍ବର ମାସଠାରୁ ଆରମ୍ଭ ହୋଇଥିଲା। ୬ କୋଟି ୧୨ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଙ୍ଗଲ ଜମିର ଆଳ ଦେଖାଇ ନିର୍ମାଣ ଅଧା ଅଧିରୁ ବନ୍ଦ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଜଙ୍ଗଲ ଜମି ବାବଦରେ ଅନୁଧ୍ୟାନ ନ କରି ନିର୍ମାଣ କାର୍ଯ୍ୟ କେମିତି ଆରମ୍ଭ ହୋଇଥିଲା ବୋଲି ଏହି ଅବସରରେ ଯୁବନେତା ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ଆକ୍ରୋଶମୂଳକ ଭାବେ ରାସ୍ତାଟିକୁ ଅସମ୍ପୂର୍ଣ୍ଣ ରଖାଯାଇଥିବା ସେ ଆରୋପ ଉଠାଇଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଆପତି ସମାଧାନ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ ବେହେରାଙ୍କୁ ପଚାରିବାରୁ କେବଳ ଜଙ୍ଗଲ ଜମିକୁ ବାଦ ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା କହିଛନ୍ତି। ରାସ୍ତା ନିର୍ମାଣ ବାବଦରେ ଜଙ୍ଗଲ ବିଭାଗକୁ ଚିଠି ଦିଆଯାଇଛି, ଉତ୍ତର ମିଳିବା ପରେ ଅସମ୍ପୂର୍ଣ୍ଣ ଥିବା ଭାଗରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

# ଖେଳପଡ଼ିଆରେ ଲାଗି ରହୁଛି ମେଳା ଓ କାର୍ଯ୍ୟକ୍ରମ



ବାଧାପ୍ରାପ୍ତ ହେଉଛି ଖେଳାଳିଙ୍କ ଅଭ୍ୟାସ

ବାଲେଶ୍ୱର, ୧୯ ।୩(ସମିସ): ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶ ଧାରା ଜାରି ରଖିଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ଲୋକମାନଙ୍କର ଉନ୍ନତି ପାଇଁ ରାସ୍ତା ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଦିଗରେ ବିକାଶ କାର୍ଯ୍ୟ ଚାଲୁ ରହିଛି। ଏହାରି ମଧ୍ୟରେ କ୍ରୀଡାର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ଅନେକ ଯୋଜନା ମଧ ହାତକୁ ନିଆଯାଇଛି। ତେବେ ବାଲେଶ୍ୱର ସହରରେ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ଲାଗି ପଡ଼ିଆ ମିଳୁନଥିବା ଅଭିଯୋଗ ହେଉଛି। ପ୍ରାୟ ପଡ଼ିଆରେ ମେଳା ଓ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥିବାରୁ ଖେଳାଳିଙ୍କ ଅଭ୍ୟାସ ବାଧାପ୍ରାପ୍ତ ହେଉଛି।

ସୂଚନା ଅନୁସାରେ, ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଦୁଇ ଓଳି ଖୋଖୋ, କବାଡ଼ି, ଫୁଟବଲ, ଭଲିବଲ, କ୍ରିକେଟ ଠାରୁ ଆରମ୍ଭ କରି ଦୌଡ଼କୁଦ ଅଭ୍ୟାସ ପାଇଁ ପଡ଼ିଆର ଆବଶ୍ୟକତା ଥାଏ। ବିଶେଷ କରି ସହରାଞ୍ଚଳର କ୍ରୀଡ଼ାବିତଙ୍କ ଦୈନନ୍ଦିନ ଅଭ୍ୟାସ ପାଇଁ ଉପଯୁକ୍ତ ଖେଳ ପଡ଼ିଆଟିଏ ନାହିଁ। ଖେଳ ପାଇଁ ସହର ମଧ୍ୟରେ ପରମିଟ ପଡ଼ିଆ ଜିଲ୍ଲା କ୍ରୀଡା ବିଭାଗ ଅଧିନରେ ରହିଛି। ଅଧିକାଂଶ ସମୟରେ ଏଠାରେ ସରକାରୀ ସ୍ତରରେ ଖେଳକୁଦ ପ୍ରତିଯୋଗୀତା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜିତ ହୋଇଥାଏ। ଏହାଛଡା ବିଭିନ୍ନ ପଡ଼ିଆରେ ସରକାରୀ କାର୍ଯ୍ୟକ୍ରମ ସାଙ୍ଗକୁ ମେଳା ମଧ ଅନୁଷ୍ଠିତ ହେଉଛି। ଏହାଛଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସାଙ୍ଗକୁ ଅନ୍ୟାନ୍ୟ ଟୁର୍ଣ୍ଣାମେଣ୍ଟ ମଧ ଆୟୋଜନ କରାଯାଏ। ଏହି କାରଣରୁ ଖେଳାଳିମାନେ ସଠିକ ଭାବେ ଅଭ୍ୟାସ କରିବାର ସୁଯୋଗ ପାଇ ପାରୁନଥିବା ଅଭିଯୋଗ କରିଛନ୍ତି। ସେହିପରି ସହର ମିଶନ ପଡ଼ିଆ, ଜିଲ୍ଲା ସ୍କୁଲ ଖେଳ ପଡ଼ିଆ, ଆଇଟିଆଇ ପଡ଼ିଆ, ପୁଲିସ ଲାଇନ ପଡ଼ିଆ ମଧ ରହିଛି। ଆଇଟିଆଇ ପଡ଼ିଆର ଗୋଟିଏ ପାର୍ଶ୍ୱରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମ ଥିବା ବେଳେ ମଲ୍‌ଟି ଜିମ୍ ନିର୍ମାଣ କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ପୁଲିସ ଲାଇନ ଏବଂ ଆଇଟିଆଇ ପଡ଼ିଆରେ ବାଣିଜ୍ୟକ ମେଳା, ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଖେଳାଳିମାନେ ଅଭ୍ୟାସ କରି ନ ପାରି ବେଶ ନିରାଶ ହେଉଛନ୍ତି। ଅନ୍ୟପଟେ ପରମିଟ ପଡ଼ିଆର ଉନ୍ନତିକରଣ ଦାୟିତ୍ୱ ଓସିଏ ହାତକୁ ନେଇଛି। ଏଠାରେ କ୍ରିକେଟ ଖେଳାଳୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଅଭ୍ୟାସ କରାଯାଇପାରୁ ନାହିଁ। ଏ ନେଇ ସ୍ଥାନୀୟ ବାସିନ୍ଦା ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ପ୍ରକୃତରେ ବାଲେଶ୍ୱରରେ କ୍ରୀଡାବିତଙ୍କର ଫୁଟବଲ, ଭଲିବଲ, ଖୋଖୋ ଆଦି ବିଭିନ୍ନ କ୍ରୀଡାର ଅଭ୍ୟାସ ପାଇଁ ସେମିତି କିଛି ସ୍ୱତନ୍ତ୍ର ଭାବେ ପଡ଼ିଆ ନାହିଁ। ଯାହା ଦ୍ୱାରା ସେମାନେ ଦୈନନ୍ଦିନ ଅଭ୍ୟାସ କରିପାରିବେ। ଗୋଟିଏ ପଡ଼ିଆ ଥିଲା ଯାହାକି ପରମିଟ ପଡ଼ିଆ। ଏବେ ତାହା ଓସିଏ ଅଧିନରେ ରହିଛି। ସେଠାରେ କେବଳ ସରକାରୀ କାର୍ଯ୍ୟକ୍ରମ ଯାହାକି ସ୍କୁଲ ସ୍ତରୀୟ କ୍ରୀଡା ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ପାଇଁ ଅନୁମତି ପ୍ରଦାନ କରୁଛି। ପୁରାତନ ଜିଲ୍ଲା ସ୍କୁଲ ପଡ଼ିଆ ରହିଛି ସେଠାରେ ବିଭିନ୍ନ ସମୟରେ ବହୁ ଅନୁଷ୍ଠାନମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହାର ସୁରକ୍ଷା ପାଇଁ ପାଚେରୀ ନଥିବା ବେଳେ ବିଭିନ୍ନ ଅନୈତିକ କାର୍ଯ୍ୟ ମଧ ଚାଲୁଛି। ଏପରିକି ସକାଳେ କ୍ରୀଡାବିତଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଲୋକେ ସଠିକ ଭାବେ ଅଭ୍ୟାସ କରିପାରୁ ନାହାନ୍ତି। ଏଣୁ ସହରର କ୍ରୀଡାବିତଙ୍କ ପାଇଁ ଏକ ସ୍ୱତନ୍ତ୍ର ଭାବେ ପଡ଼ିଆର ଆବଶ୍ୟକତା ରହିଛି ଯାହା ଦ୍ୱାରା ସେମାନେ ପ୍ରତ୍ୟେକ ସମୟରେ ଅଭ୍ୟାସ କରିପାରିବେ। ଅନ୍ୟପଟେ ଏଇ ବାଲେଶ୍ୱରରୁ ବହୁ କ୍ରୀଡାବିତମାନେ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ମଧ ସୁନାମ ଅର୍ଜନ କରିଛନ୍ତି। ବିଭିନ୍ନ ସମୟରେ ବାଲେଶ୍ୱରକୁ ସ୍ୱର୍ଣ୍ଣ ଠାରୁ ଆରମ୍ଭ ରୌପ୍ୟ, ବ୍ରୋଞ୍ଜ ପଦକ ମଧ ପ୍ରଦାନ କରିଛନ୍ତି। ଏ ନେଇ ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର କହିଛନ୍ତି ଯେ, ଏଠାରେ କ୍ରିକେଟରଙ୍କ ଉତ୍ତମ ପିଚ ପ୍ରସ୍ତୁତ ସରିଛି। ସେହିପରି ସିନ୍ଥେଟିକ ଟ୍ରାକ ସହ ଫୁଟବଲ ଖେଳ ପାଇଁ ପ୍ରସ୍ତାବ ଜିଲ୍ଲାପାଳଙ୍କ ଜରିଆରେ ୫-ଟି ଅଧକ୍ଷଙ୍କ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି। ସେହିପରି ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କ୍ରୀଡ଼ାବିତଙ୍କ ପାଇଁ ସରକାରୀ ସ୍ତରରେ ଯୋଜନା କାର୍ଯ୍ୟକାରୀ ହେଉଛି। ପରମିଟ ପଡ଼ିଆରେ ଆଥଲେଟିକ ସହ ଭଲିବଲ ଓ କ୍ରିକେଟ ପାଇଁ ସୁବିଧା ରହିଛି ଓ ଇନଡୋର ଗେମ୍ ପାଇଁ ଆଇଟିଆଇ ପଡ଼ିଆରେ ଥିବା ବିଜୁ ପଟ୍ଟନାୟକ ବହୁମୁଖି ଇନଡୋର ଷ୍ଟାଡିୟମରେ ବ୍ୟାଡମିଂଟନ, ଟେନିସ, ଭାରଉତ୍ତୋଳନ ଲାଗି ବ୍ୟବସ୍ଥା ରହିଛି ବୋଲି କହିଛନ୍ତି।

# ଭଦ୍ରକରେ ମତଦାନ କରିବେ ୧୨. ୬୪ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

ଭଦ୍ରକ, ୧୯ ।୩(ସମିସ)




ଆସନ୍ତା ଜୁନ ୧ ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ହେବ ସାଧାରଣ ନିର୍ବାଚନ। ଏହି ନିର୍ବାଚନରେ ଭଦ୍ରକ ଜିଲ୍ଲାର ୫ଗୋଟି ବିଧାନସଭା ଆସନରେ ମୋଟ ୧୨ଲକ୍ଷ ୬୪ହଜାର ୨୨୦ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଗତ ଜାନୁଆରୀ ୫ତାରିଖ ସୁଦ୍ଧା ପ୍ରସ୍ତୁତ ହୋଇଥିବା ଭୋଟର ତାଲିକାନୁଯାୟୀ ଜିଲ୍ଲାରେ ଉପରୋକ୍ତ ସଂଖ୍ୟକ ଭୋଟର ବା ମତଦାତାଙ୍କ ମଧ୍ୟରୁ ୬, ୨୨, ୭୨୧ଜଣ ପୁରୁଷ ଓ ୬, ୧୧, ୩୪୮ ଜଣ ମହିଳା ମତଦାତା ଅଛନ୍ତି। ଜିଲ୍ଲାର ୫ ବିଧାନସଭା ଆସନ ମଧ୍ୟରେ ସର୍ବାଧିକ ୨, ୬୭, ୧୬୭ ଭୋଟର ଭଦ୍ରକ ବିଧାନସଭା କ୍ଷେତ୍ରରେ ଥିବାବେଳେ ସର୍ବନିମ୍ନ ୨, ୩୭, ୪୩୫ ସଂଖ୍ୟକ ଭୋଟର ଭଣ୍ଡାରିପୋଖରୀ ବିଧାନସଭା ଆସନରେ ଅଛନ୍ତି। ଅନୁରୂପ ଭାବେ ।ସୁଦେବପୁର ବିଧାନସଭା ଆସନରେ ୨, ୬୬, ୬୬୬ ଭୋଟର, ଚାନ୍ଦବାଲି ବିଧାନସଭା ଆସନରେ ୨, ୪୯, ୨୧୮ ଭୋଟର ଓ ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ୨, ୪୩, ୭୩୪ଭୋଟର ଅଛନ୍ତି। ସେହିଭଳି ଜିଲ୍ଲାର ସମୁଦାୟ ଭୋଟରଙ୍କ ମଧ୍ୟରୁ ୬, ୫୨, ୭୨୧ ପୁରୁଷ ମତଦାତା ଥିବାବେଳେ ୬, ୧୧, ୩୪୮ ମହିଳା ମତଦାତା ଅଛନ୍ତି। ଅନ୍ୟପକ୍ଷରେ ୧୫୧ଜଣ ତୃତୀୟ ଲିଙ୍ଗୀ ମତଦାତା ଥିବା ବେଳେ ୩୧, ୩୬୦ଜଣ ବରିଷ୍ଠ (୮୦ବର୍ଷରୁ ଊର୍ଦ୍ଧ୍ୱ) ଭୋଟର ଅଛନ୍ତି। ଏଥର ନିର୍ବାଚନରେ ପ୍ରଥମ କରି (୧୮ରୁ ୧୯ବର୍ଷ ର)୨୫, ୯୧୫ଜଣ ନୂଆ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେହିଭଳି ଜିଲ୍ଲାରେ ମୋଟ ଭୋଟରଙ୍କ ମଧ୍ୟରୁ ୨୮୧୯୪ଜଣ ଦିବ୍ୟାଙ୍ଗ ମତଦାତା ଥିବା ଜଣାଯାଇଛି। ଚଳିତ ସଧାରଣ ନିର୍ବାଚନ ଲାଗି ମୋଟ ୧୩୦୯ଟି ବୁଥ ବା ମତଦାନ କେନ୍ଦ୍ର ଖୋଲାଯାଇଛି। ଏଥିରେ ଭଦ୍ରକ ବିଧାନସଭା କ୍ଷେତ୍ରରେ ୨୬୨ଟି ବୁଥ ଥିବା ବେଳେ ଭଣ୍ଡାରିପୋଖରୀ ଆସନରେ ୨୫୯, ବାସୁଦେବପୁର ଆସନରେ ୨୬୭ଟି, ଧାମନଗର ଆସନରେ ୨୫୭ଟି ଓ ଚାନ୍ଦବାଲି ବିଧାନସଭା ଆସନରେ ୨୬୪ଟି ବୁଟ ବା ମତଦାନ କେନ୍ଦ୍ର ରହିଛି।

- ୬, ୫୨, ୭୨୧ ପୁରୁଷ, ୬, ୧୧, ୩୪୮ ମହିଳା
- ଦିବ୍ୟାଙ୍ଗ ୨୮, ୧୯୪, ତୃତୀୟ ଲିଙ୍ଗର ୧୫୧
- ପ୍ରଥମ ଥର ମତଦାନ କରିବେ ୨୫, ୯୧୫
- ଭଦ୍ରକ ବିଧାନସଭା କ୍ଷେତ୍ର ଆଗରେ, ପଛରେ ଭଣ୍ଡାରିପୋଖରୀ

## ଧାମନଗରରେ ୨, ୪୩, ୭୩୪ ଭୋଟର





**ଧାମନଗର, ୧୯ ।୩(ସମିସ):** ଘୋଷଣା ହୋଇଛି ନିର୍ବାଚନ ତାରିଖ। ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ପୁଲିସ ପ୍ରଶାସନ ହୋଇଛି ତତ୍ପର। ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଧାମନଗର ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ହୋଇଥିବା ବେଳେ ଥାନା ପରିସରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଓ ଏନ୍ଏସିର ୧ରୁ ୨୩ କ୍ରମାନ୍ୱୟରେ ୨୩ ବୁଥ, ୮୮ରୁ ୨୩୯ ପର୍ଯ୍ୟନ୍ତ ୧୫୨ଟି, ୨୪୪ରୁ ୨୫୪ ଯାଏ ୧୧ ବୁଥକୁ; ମୋଟ ୧୮୬ ବୁଥ ହୋଇଛି। ସେହିପରି ତିହିଡ଼ି ବ୍ଲକର ୨୪ରୁ ୮୭ କ୍ରମାନ୍ୱୟରେ ୬୪ଟି ବୁଥ, ୨୪୦ରୁ ୨୪୩ ଯାଏ ୪ଟି ବୁଥ୍ ଓ ୨୫୫ରୁ ୨୫୭ ପର୍ଯ୍ୟନ୍ତ ୩ଟି ବୁଥକୁ ମିଶାଇ ୭୧ଟି ବୁଥ। ଏଭଳି ଦୁଇଟି ବ୍ଲକର ମୋଟ ୨୫୭ଟି ବୁଥ୍ ବିଭାଗୀୟ ପରିଦର୍ଶନ ସରିଛି। ଏହି ନିର୍ବାଚନ ମଣ୍ଡଳୀରେ ଯୁବ ଭୋଟର ପୁରୁଷ ୨୮୪୬ ଓ ମହିଳା ୨୪୭୫ଙ୍କୁ ମିଶାଇ ୫୩୨୧ ଜଣ, ୮୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ୩୧୪୮ ଓ ମହିଳା ୩୩୧୯ଙ୍କୁ ମିଶାଇ ମୋଟ ୬୪୬୭ ଜଣ ଏବଂ ଦିବ୍ୟାଙ୍ଗ ପୁରୁଷ ୨୦୭୫ ଓ ମହିଳା ୧୯୪୬ ଜଣଙ୍କୁ ମିଶାଇ ମୋଟ ୪୦୨୧ ଜଣ ଅଛନ୍ତି। ସେହିପରି ଏହି ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଭୋଟର ତାଲିକା ଅନୁସାରେ ପୁରୁଷ ଭୋଟର ୧, ୨୫, ୬୯୬ ଓ ମହିଳା ଭୋଟର ୧, ୧୮, ୦୧୧ ଏବଂ ତୃତୀୟ ଲିଙ୍ଗ ଭୋଟର ୨୭ ଜଣଙ୍କୁ ମିଶାଇ ମୋଟ ୨, ୪୩, ୭୩୪ ଜଣ ଭୋଟର ଅଛନ୍ତି। ଶେଷ ପର୍ଯ୍ୟାୟରେ ହେବାକୁ ଥିବା ଏହି ବିଧାନସଭା କ୍ଷେତ୍ରର ନିର୍ବାଚନ ପାଇଁ ମେ'୭ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୧୪ରେ ନାମାଙ୍କନ ପତ୍ର ଦାଖଲ ଶେଷ, ୧୫ରେ ଯାଞ୍ଚ, ୧୭ରେ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି।

## ଯାତ୍ରା ପାର୍ଟିରେ ଚାଞ୍ଚଲ୍ୟ

## ଉପସ୍ଥାପକଙ୍କ ତଣ୍ଟି କାଟିଲା ସାଥି କଳାକାର

**ବାରିକପୁର, ୧୯ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ନୌରଙ୍ଗପୁର ଠାରେ ଏକ ଯାତ୍ରା ପାର୍ଟିର ଉପସ୍ଥାପକଙ୍କ ତଣ୍ଟିକୁ ସାଥୀ କଳାକାର କାଟି ଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗତ ୧୬ତାରିଖ ଠାରୁ ଗାଁ ସ୍କୁଲ ନିକଟରେ ରାଜନନ୍ଦିନୀ ଅପେରା ଯାତ୍ରା ପରିବେଷଣ କରୁଛି। ପ୍ରଥମ ରାତ୍ରି ଯାତ୍ରା ହୋଇଥିବା ବେଳେ ୧୭ତାରିଖ ଦିନ ବର୍ଷା କାରଣରୁ ଯାତ୍ରା ବନ୍ଦ ରହିଥିଲା। ଗତକାଲି ରାତିରେ ବର୍ଷା କାରଣରୁ ମଧ ଦର୍ଶକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏସବୁ ସତ୍ତ୍ୱେ କୌଣସି କାରଣକୁ ନେଇ ଯାତ୍ରା ଉପସ୍ଥାପକ ଓ ଜଣେ ସାଥି କଳାକାରଙ୍କ ମଧ୍ୟରେ ସୋମବାର ରାତିରେ ପାଟିତୁଣ୍ଡ ହୋଇଥିଲା। ପୂର୍ବ ରାତିର ଘଟଣାକ୍ରମକୁ ନେଇ ଆଜି ମଧ୍ୟାହ୍ନରେ ଦୁଇ ଜଣଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ସାଥି କଳାକାର ଜଣକ ଉତ୍କ୍ଷିପ୍ତ ହୋଇ ଉପସ୍ଥାପକ ଯୁବକଙ୍କ ତଣ୍ଟିକୁ ଏକ ବ୍ଲେଡ୍‌ରେ କାଟି ଦେଇଥିଲା। ଆହତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁର ଓ ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ଥାନୀୟ ପୁଲିସ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ଯୁବକକୁ ହେପାଜତକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆହତ ଯାତ୍ରା ପାର୍ଟି ଉପସ୍ଥାପକ ହେଉଛନ୍ତି ସୁଧିର ରଞ୍ଜନ ଦାସ ଓ ତାଙ୍କ ଘର ବାଲେଶ୍ୱର ଅଞ୍ଚଳରେ ବୋଲି ଜଣାଯାଇଛି। ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣାକୁ ନେଇ ଯାତ୍ରା ପାର୍ଟି ସମେତ ଆଖପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ

**ବାରିକପୁର, ୧୯।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ପାଇମହୁରା ଗ୍ରାମର ୨ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ସୂଚନା ମିଳିଛି। ପ୍ରାପ୍ତ ଅଭିଯୋଗ ଅନୁଯାୟୀ ରମାକାନ୍ତ ଜେନା ଓ ଦିବାକର ଜେନା ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଗତ ୧୮ ତାରିଖ ଦିନ ଦିବାକରଙ୍କ ଝିଅ ପୁଷ୍ପଲତାଙ୍କୁ ଅପରପକ୍ଷ ଗାଳିଗୁଲଜ କରିଥିଲେ। ଏହାକୁ ଦିବାକର ଓ ତାଙ୍କ ସ୍ତ୍ରୀ ଉମାମଣି ପ୍ରତିବାଦ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଅପରପକ୍ଷ ଆକ୍ରମଣ ଦ୍ୱାରା ଦିବାକର ଆହତ ହୋଇ ମେଡିକାଲରେ ଚିକିତ୍ସା ହେଉଥିବା ଜଣାଯାଇଛି। ଏନେଇ ପୁଷ୍ପଲତା ଧାମନଗର ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ; ଜଣେ ଗିରଫ

ବାରିକପୁର/ମଞ୍ଜୁରୀରୋଡ଼, ୧୯।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବଡବନସ୍ତା ଗ୍ରାମରୁ ୪୫କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଭରତ ସାହୁକୁ ଅବକାରୀ ବିଭାଗ ଗିରଫ କରିଛି। ଭଦ୍ରକ ଅବକାରୀ ଆରକ୍ଷୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଜି ସକାଳୁ ଗ୍ରାମର ଅଭିଯୁକ୍ତଙ୍କ ଘରେ ଚଢ଼ଉ ହୋଇଥିଲା। ଧାମନଗର ଅବକାରୀ ଥାନା ଅଧିକାରୀ ଅଭିଳାଷ ପାଲଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିବା ବେଳେ ଅଭିଯୁକ୍ତଙ୍କ ଘରୁ ବ୍ୟାପକ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ଉକ୍ତ ଚଢ଼ଉରେ ଏଏସଆଇ ରମେଶ ନାୟକ, ଶିବପ୍ରସାଦ ସାହୁ, ଅଜିତ କୁମାର ସିଙ୍କୁ, ରମାକାନ୍ତ ବାରିକ, ସୂର୍ଯ୍ୟକାନ୍ତ କିସ୍କୁ, ସଂଧ୍ୟାରାଣୀ ସେନାପତି, ସୁଦର୍ଶନ ପଲେଇ, ଜେମାମଣି ଜମୁଡ଼ା, ରୁଦ୍ର ନାରାୟଣ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏନେଇ ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ପୋଖରୀରେ ପଡ଼ି ମନ୍ଦିର ପୂଜକ ମୃତ

ଦୋବଲ, ୧୯ ।୩(ସମିସ): ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗିର ଗ୍ରାମର ମହେଶ୍ୱର ପାଢ଼ୀ (୫୫)ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ଖବରରୁ ଜଣାଯାଏ, ମଙ୍ଗଳବାର ସକାଳ ସମୟରେ ମହେଶ୍ୱର ଶୌଚ ହେବା ପାଇଁ ନିକଟ ହାଇସ୍କୁଲ ପଛ ପାଖରେ ଥିବା ପୋଖରୀକୁ ଯାଇଥିଲେ। କୌଣସି କାରଣରୁ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରେ ପଡ଼ିଯାଇଥିଲେ। ଦୀର୍ଘ ସମୟ ବିତିଯିବାରୁ ପରିବାର ପକ୍ଷରୁ ଖୋଜାଖୋଜି ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଧାମନଗର ପୁଲିସ ଖବର ପାଇଁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ଜଣାଯାଇଛି। ତେବେ ଏନେଇ ଧାମନଗର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ୧୦/୨୪ରେ ରୁଜୁ କରାଯାଇଥିବା ସୂଚନା ମିଳିଛି। ବ୍ରାହ୍ମଣ ପରିବାର ହୋଇଥିବାରୁ ମହେଶ୍ୱର ସ୍ଥାନୀୟ ଅଞ୍ଚଳ ର ମନ୍ଦିର ଓ ଘରମାନଙ୍କରେ ପୂଜାର୍ଚ୍ଚନା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

## ଅସହଯୋଗ ପାଇଁ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଚେତାବନୀ



**ଭଦ୍ରକ, ୧୯ ।୩(ସମିସ):** ଏନ୍ଏଚ୍ଏମ୍‌ରେ କାର୍ଯ୍ୟରତ କର୍ମଚାରୀ, ଆୟୁଷ ଡାକ୍ତର, ଆର୍‌ବିଏସ୍‌କେ ଡାକ୍ତର, ପାରାମେଡିକାଲ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭଦ୍ରକରେ ସମସ୍ତ ସ୍ୱାସ୍ଥ୍ୟ ଭିତ୍ତିକ ସରକାରୀ କାର୍ଯ୍ୟକ୍ରମକୁ ଅସହଯୋଗ କରିବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହାଦ୍ୱାରା ସ୍ୱାସ୍ଥ୍ୟସେବାରେ ଯେଉଁ ଅସୁବିଧା ହେବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଭଦ୍ରକ ସ୍ୱାସ୍ଥ୍ୟ ଠିକା କର୍ମଚାରୀ ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ଏହାସହିତ ଆୟୁଷ ଡାକ୍ତର ମାନେ ମଧ ଅନୁରୂପ ପନ୍ଥା ଅବଲମ୍ବନ କରିବେ ବୋଲି ଜଣାପଡ଼ିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ସେମାନଙ୍କୁ ଉପେକ୍ଷା କରିଛନ୍ତି, ଅନ୍ୟ ବିଭାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇବା ସହିତ ଦରମା ବୃଦ୍ଧି କରିଥିବାବେଳେ ଶେଷ କ୍ୟାବିନେଟ ବୈଠକରେ ମଧ ସେମାନଙ୍କ ପାଇଁ କୌଣସି ନିଷ୍ପତି ନେଲେ ନାହିଁ। ତେଣୁ ଜିଲ୍ଲାର ସମସ୍ତ ଠିକା ଆୟୁଷ ଡାକ୍ତର ଓ ଏନଏଚ୍ଏମ କର୍ମଚାରୀ ରାଜ୍ୟ ସରକାରଙ୍କ ବିପକ୍ଷରେ ପ୍ରଚାର କରିବା ସହିତ ନିଜ ପରିବାର ସମେତ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେବା ସହ ଏ ସଂକ୍ରାନ୍ତ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଏକ ସ୍ମାରକପତ୍ର ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ଦିଆଯାଇଛି। ଦୀର୍ଘ ୧୮ ବର୍ଷ ରୁ ଊର୍ଦ୍ଧ୍ୱ ହେବ ଏହି ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଠିକା ଏବଂ ସ୍ୱଳ୍ପ ବେତନରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ କାର୍ଯ୍ୟ କରି ସରକାରକୁ ଲୋକାଭିମୁଖୀ କରିବାରେ ସାହାଯ୍ୟ କରିଛନ୍ତି କିନ୍ତୁ ନିର୍ବାଚନୀ ବର୍ଷରେ ସରକାର ସେମାନଂକୁ ଠକି ଦେଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଦେଢଶହ ଭଳି ଠିକା ସ୍ୱାସ୍ଥ୍ୟ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

## ଛକ ବଜାରରୁ ହଟୁଛି ହୋର୍ଡିଂ ସହ ତୋରଣ



**ଧାମନଗର, ୧୯ ।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବାପରେ ଧାମନଗର ବ୍ଲକ ଓ ଏନ୍ଏସି ପ୍ରଶାସନ ତରଫରୁ ମିଳିତ ଭାବେ ୨ଦିନ ହେଲା ଧାମନଗର ସହର ବଜାର ଠାରୁ ଆରମ୍ଭ କରି ଏହାର ଆଖପାଖ ଅଞ୍ଚଳ ଓ ଛକ ବଜାରରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳ ଏବଂ ସରକାରୀ ଯୋଜନାର ଫ୍ଲେକ୍ସ ହୋର୍ଡିଙ୍ଗ୍ ବ୍ୟାନର ଓ ତୋରଣ ହଟାଯାଉଛି। ନୂଆବର୍ଷ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ପାଇଁ ନେତାମାନେ ରାସ୍ତା ପାର୍ଶ୍ୱରେ ଫ୍ଲେକ୍ସ ବ୍ୟାନର ଓ ହୋର୍ଡିଂ ଲଗାଇବା ସହିତ ରାସ୍ତା ଉପରେ ତୋରଣ କରିଥିଲେ। ଏହି କାର୍ଯ୍ୟକ୍ରମର ୩ମାସ ବିତି ଯାଇଥିଲେ ମଧ କେହି ଏହାକୁ ହଟାଇନଥିଲେ। ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ସରକାରୀ କର୍ମଚାରୀ ମାନେ ଫ୍ଲେକ୍ସ ବ୍ୟାନର ତୋରଣ ଓ ହୋର୍ଡିଂ ଗୁଡିକୁ ହଟାଇବା କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସେହିପରି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କାନ୍ଥ ଓ ପାଚେରୀରେ ଲେଖା ହୋଇଥିବା ସୂଚନା ଉପରେ ରଙ୍ଗ ବୋଳାଯାଉଛି। କେତେକ ସ୍ଥାନରେ ଫ୍ଲେକ୍ସ ହୋର୍ଡିଂ ଓ ବ୍ୟାନରକୁ ସ୍ଥାନୀୟ ଲୋକେ ନେଇ ଯାଉଥିବା ବେଳେ ଅବଶିଷ୍ଟକୁ ନଷ୍ଟ କରି ଦିଆଯାଉଛି। ତେବେ ଧାମନଗର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ଲଗାଯାଇଥିବା ଫ୍ଲେକ୍ସ ହୋର୍ଡିଂ ଗୁଡିକୁ କେବେ ଖୋଲାଯିବ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିବା ସହିତ ହଟାଇବା ପାଇଁ ଅଭିଯୋଗ ମଧ କରିଛନ୍ତି।

## ଦୋଳମେଳନ ପାଳନ ନେଇ ପୁଲିସ ଓ ମେଳନ କମିଟି ବୈଠକ



**ତିହିଡି, ୧୯ ।୩(ସମିସ):** ତିହିଡି ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ମେଳନ ପାଳନ ନେଇ ସୋମବାର ଦିନ ତିହିଡି ଥାନାରେ ପୁଲିସ ଓ ମେଳନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିହିଡି ଅଞ୍ଚଳର ଐତିହାସିକ କାଳିମେଘା ମେଳନ ଠାରୁ ଆରମ୍ଭ କରି ଝାଡପଟା ମେଳନ, କୋହ୍ଲ ମେଳନ, ତିହିଡି ମେଳନ, ବାରୋ, ବୋଡକ ଓ ତାଳପଦା ଆଦି ସ୍ଥାନରେ ହେବାକୁ ଯାଉଥିବା ପ୍ରମୁଖ ଦୋଳମେଳନ ଗୁଡିକୁ କିପରି ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବ ସେଥିନେଇ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ବିଶେଷକରି ଡିଜେ ବାଜାକୁ କିପରି ସର୍ବନିମ୍ନ ଧ୍ୱନିରେ ବଜା ଯାଇପାରିବ ଓ ପାଣିସିଞ୍ଚନକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିହେବ ସେ ଦିଗରେ ଦୃଷ୍ଟି ଦେବାକୁ ପୋଲିସ ମେଳନ କମିଟିର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମେଳନ ସମୟରେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତେ ଯତ୍ନବାନ ହେବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ତିହିଡି ଆଇଆଇସି ପ୍ରସନ୍ନ ନାୟକ, କାଳୀମେଘା ମେଳଣ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର, ଗଣେଶ ନାୟକ, କୀର୍ତ୍ତନ ରାଉତ, ଅଜୟ ରାଉତ, ସୁରେଶ ମହାପାତ୍ର, ଚିନ୍ତାମଣି ଦାସ, ଶଚିକାନ୍ତ ନାୟକ, ପ୍ରଭାତ ରାଉଳ, ଦାଶରଥି ମହାପାତ୍ର. କହ୍ନେଇ ସାହୁ, ଅପୂର୍ବ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ତଥା ଠାକୁରବାଡିଆ ମାନେ ଉପସ୍ଥିତ ଥିଲେ।

## ବର୍ଣ୍ଣବୋଧ ଦିବସ ପାଳିତ

# ବର୍ଣ୍ଣବୋଧ ଓଡ଼ିଆ ଭାଷା ଓ ସାହିତ୍ୟର ଏନ୍ତୁଡ଼ିଶାଳ

ଭଦ୍ରକ, ୧୯ ।୩(ସମିସ)




ବର୍ଣ୍ଣବୋଧ ଓଡ଼ିଆ ଭାଷା ଓ ସାହିତ୍ୟର ଏନ୍ତୁଡ଼ିଶାଳଫ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ଛାତ୍ରଛାତ୍ରୀନଙ୍କ ନିତାନ୍ତ ଉପାଦେୟ ପୁସ୍ତକ ଏବଂ ଯେଉଁମାନେ ବର୍ଣ୍ଣବୋଧ ଅଧ୍ୟୟନ କରି ଓଡ଼ିଆ ଶବ୍ଦ ଶିକ୍ଷା କରିଛନ୍ତି ସେମାନେ ଓଡ଼ିଆ ଭାଷା ଓ ସାହିତ୍ୟରେ କେବେ ହାରିଯିବେ ନାହିଁ ବୋଲି ଭଦ୍ରକ ସହର ସାଳନ୍ଦୀ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସର ସଭାଗୃହରେ ଡ. ନରହରି ବେହେରା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ବର୍ଣ୍ଣବୋଧ ଦିବସ ପାଳନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷୟିତ୍ରୀ ଛବିଲତା ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠିତ ଡ. ନରହରି ବେହେରା ଟ୍ରଷ୍ଟର ସଭାପତି ଇଂ.ଅଭୟ ସୂତାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ସମ୍ମାନୀତ ଅତିଥି ଭାବେ ଡ. ନିତ୍ୟାନନ୍ଦ ମିଶ୍ର, ବରେଣ୍ୟ ଅତିଥି ଭାବେ କୃପାସିନ୍ଧୁ ନାୟକ, କବି ଭରତ ଚନ୍ଦ୍ର ଦାଶ, ସାମ୍ବାଦିକ ରବି ନାରାୟଣ ଖିଲାର, ପୁରୁଣା ବଜାର ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଦନମୋହନ ମହନ୍ତ, ଶିକ୍ଷାବିତ ବୈକୁଣ୍ଠନାଥ ଓଝା ଯୋଗ ଦେଇଥିଲେ। ଉତ୍ସବ ପରିଚାଳନା କରିଥିଲେ ବେଦଦତା ବେଦାନ୍ତ ଦେବୀଦତା ବେଦାନ୍ତ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ସଙ୍ଗୀତ ନିର୍ଦ୍ଦେଶକ ତଥା ଶ୍ରୀମା ମ୍ୟୁଜିକ କଲେଜ ଅଧକ୍ଷ ପ୍ରଫୁଲ୍ଲ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ଅଧ୍ୟାପକ ନିହାରରଞ୍ଜନ କର ଅତିଥି ପରିଚୟ ଓ ସମ୍ପାଦକୀୟ ପ୍ରଦାନ କରିଥିବାବେଳେ ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ସଙ୍ଗୀତ, ବେଦଦତ୍ତା ବେଦାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟ ମାନପତ୍ର ପାଠ କରିଥିଲେ।

## କିଷାନ ଜାତୀୟ ସାମ୍ବାଦିକ ୟୁନିୟନ କାର୍ଯ୍ୟକାରିଣୀ ସଦସ୍ୟ



**ତିହିଡି, ୧୯ ।୩(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିୟନର ବରିଷ୍ଠ ପୂର୍ବତନ ଉପସଭାପତି କିଷାନ ରାଉତ ଜାତୀୟ ସାମ୍ବାଦିକ ୟୁନିୟନ ନୂଆଦିଲ୍ଲୀର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିନିମନ୍ତେ ଶ୍ରୀ ରାଉତଙ୍କୁ ବିଭିନ୍ନ ଜିଲ୍ଲାର ସାମ୍ବାଦିକଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଶ୍ରୀ ରାଉତ ଏଥପାଇଁ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଓ ଜାତୀୟ ସାମ୍ବାଦିକ ୟୁନିୟନର ସଭାପତି ରାସ ବିହାରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ରାଉତ ଜାତୀୟ ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିବାରୁ ରାଜ୍ୟ ଓ ଜାତୀୟ ସାମ୍ବାଦିକ ୟୁନିୟନର ସାଙ୍ଗଠନିକ କାର୍ଯ୍ୟକ୍ରମ ଅଧିକ ମଜବୁତ ହେବ ବୋଲି ମତପ୍ରକାଶ ପାଇଛି। ଓୟୁଜେର ଜିଲ୍ଲା ସଭାପତି ହରିହର ନାୟକ, ସାଧାରଣ ସମ୍ପାଦକ ଗୌରହରି ନାୟକ, କାର୍ଯ୍ୟକାରୀ ସଭାପତି ପ୍ରିୟଦର୍ଶନୀ ବୋଇତି, ସଙ୍ଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ସାମ୍ବାଦିକ ଯଯାତିକେଶରୀ ଦାସ ଓ ପ୍ରଭାତ କୁମାର ରାଉଳ ପ୍ରମୁଖ ଶ୍ରୀ ରାଉତଙ୍କୁ ଏହି ଅବସରରେ ସ୍ୱାଗତ ଜଣାଇଛନ୍ତି।

